Pioneer / Pg - 4

# 6 get IMFA scholarship for higher edu




PNS ■ BHUBANESWAR

The Bansidahr and Ila Panda Foundation (BIPF), the CSR wing of IMFA, announced the 12th edition of Professor Ghanashyam Dash Scholarship for higher education.

Six meritorious students, pursuing professional degree courses in different disciplines, got the prestigious scholarship for the year 2016.

The selected candidates will get 90 per cent of their total admission, tuition and hostel fees covering a maximum of Rs 1,00,000 per annum.

Annwesha Anuraupa Dhal from Upper Telenga Bazar, Cuttack, Debaprasad Biswal from Bantara Jajpur, Subhrajyoti Jena from Sanatihada, Jagatsinghpur, Tapas Kumar Sar from Rasol, Dhenkanal, Punyashloka Panda from Rourkela, Sundargarh, Amindra Khilla from Maliguda, Koraput were selected to get the scholarship for 2016.

Dhal and Biswal are pursuing MBBS at MKCG Medical College and Hospital, Brahmapur and VSS Institute of Medical Science and Research, Burla, respectively. Similarly, Jena, Sar, Panda and Khilla are doing B Tech at NIT, Rourkela, VSSUT, Burla, IIT, Dharwad and CET, Bhubaneswar, respectively.

The scholarships were awarded by Managing Director and CEO, IMFA Subhrakant Panda. Shaifalika Panda, CEO, BIPF, Director - Corporate and COO, IMFA Jayant Misra and Executive Vice-President, BIPF TC Hota were present.

Sanchar | P-3

# ବିଆଇପିଏଫ୍ ତରଫରୁ ଘନଶ୍ୟାମ ଦାସ ଛାତ୍ରବୃତ୍ତି ତାଲିକା ଘୋଷିତ




ସଂଚାର ମିଡିଆ
ଭୁବନେଶ୍ୱର:
ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ୧୨ ତମ ପ୍ରଫେସର ଘନଶ୍ୟାମ ଦାସ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ବିଭିନ୍ନ ବିଭାଗରେ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରୁଥିବା ୬ ଜଣ ଶ୍ରେଷ୍ଠ ଛାତ୍ର ଛାତ୍ରୀଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଥାଏ । ଏହି ଛାତ୍ର ବୃତ୍ତି ନିମନ୍ତେ ମନୋନୀତ ଛାତ୍ର ଛାତ୍ରୀଙ୍କର ଆଡ୍‌ମିଶନ୍‌ର ୯୦ ପ୍ରତିଶତ ଅର୍ଥ ସହିତ ଟ୍ୟୁସନ୍ ଏବଂ ହଷ୍ଟେଲ୍ ଖର୍ଚ୍ଚ ବାବଦରେ ବାର୍ଷିକ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ ।

ଚଳିତ ବର୍ଷ ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି କଟକରୁ ଅନ୍ୱେଷା ଅନୁରୂପା ଧଳ, ଯାଜପୁରରୁ ଦେବପ୍ରସାଦ ବିଶ୍ୱାଳ, ଜଗତସିଂହପୁରରୁ ଶୁଭ୍ରଜ୍ୟୋତି ଜେନା, ଢେଙ୍କାନାଳରୁ ତାପସ କୁମାର ସର, ରାଉରକେଲାର ପୁଣ୍ୟଶ୍ଳୋକ ପଣ୍ଡା ଏବଂ କୋରାପୁଟରୁ ଅମିନ୍ଦ୍ର ଖିଲ୍ଲା ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀ ଧଳ ଏବଂ ସୁଶ୍ରୀ ବିଶ୍ୱାଳ ଯଥାକ୍ରମେ ଏମ୍‌କେସିଜି, ବ୍ରହ୍ମପୁର ଏବଂ ଭିଏସ୍‌ଏସ୍ ବୁର୍ଲାରେ ଏମ୍‌ବିବିଏସ୍ ପଢୁଛନ୍ତି ।ଅନ୍ୟ ଛାତ୍ର ମାନେ ଯଥାକ୍ରମେ ଏନ୍‌ଆଇଟି, ବୁର୍ଲା,ଆଇଆଇଟି ଧାର୍ୱାଡ୍ ଏବଂ ସିଇଟି ଭୁବନେଶ୍ୱରରେ ପାଠ ପଢୁଛନ୍ତି । ସ୍ୱର୍ଗତ ବଂଶୀଧର ପଣ୍ଡା ଏବଂ ଇଲା ପଣ୍ଡାଙ୍କ ସ୍ମୃତିରେ ପାଞ୍ଚ ବର୍ଷ ପୂର୍ବରୁ ଏହି ସମ୍ମାନ ପ୍ରଦାନ କରାଯାଉଛି ।ବିଖ୍ୟାତ ଐତିହାସିକ ଘନଶ୍ୟାମ ଦାଶଙ୍କ ନାମରେ ଏହି ସମ୍ମାନକୁ ନାମିତ କରାଯାଇଛି ।

ଏହି ଛାତ୍ରବୃତ୍ତି ଭଣ୍ଡାର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଶୁଭ୍ରକାନ୍ତ ପଣ୍ଡା,ବିଆଇପିଏଫ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୈଫାଳିକା ପଣ୍ଡା, ନିର୍ଦ୍ଦେଶକ ଜୟନ୍ତ ମିଶ୍ର ଏବଂ କାର୍ଯ୍ୟ ନିର୍ବାହୀ ଉପ ସଭାପତି ଟି.ସି ହୋତାଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯିବ ।